ଗ୍ରାମୀଣ କୃଷି ମୌସମ ସେବା, କେନ୍ଦୁଝର
ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

---

ସପ୍ତାହ -02 ତାରିଖ-12.01.2024

## ପାଣିପାଗ ଭିତ୍ତିକ କୃଷି ଉପଦେଶ – କେନ୍ଦୁଝର ଜିଲ୍ଲା ନିମନ୍ତେ

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ। ପବନ ର ବେଗ 4-8 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 26-27 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 11-13 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

| | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| KENDUJHARGARH | 13-01-2024 | 0 | 26 | 11 | 0 | 40 | 29 | 6 | 180 |
| | 14-01-2024 | 0 | 26 | 11 | 0 | 39 | 20 | 6 | 153 |
| | 15-01-2024 | 0 | 26 | 12 | 0 | 52 | 22 | 4 | 135 |
| | 16-01-2024 | 0 | 27 | 12 | 0 | 82 | 29 | 5 | 109 |
| | 17-01-2024 | 0 | 26 | 13 | 4 | 93 | 37 | 8 | 158 |

**ସାଧାରଣ ପରାମର୍ଶ :**

IMD ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦିନରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି।

- ବିଲରେ ପଡିଥିବା ନଡାକୁ ଜଳାନ୍ତୁ ନାହିଁ।
- ଜଉ ପୋକ ର ଦମନ ପାଇଁ Imidachloprid କିମ୍ୱା Dimethoate ସିଂଚନ କରନ୍ତୁ।
- ଜମି ଶୁଖିଲା ଦେଖା ଗଲେ, ଜଳ ସେଚନ କରନ୍ତୁ।

**ସୋରିଷ ଏବଂ ତୋରିଆ:**

- ଜଉପୋକ ର ଦମନ ପାଇଁ Methyl Demeton @ 0.02% ସିଂଚନ କରନ୍ତୁ।
- କ୍ଷେତ ରେ ଘାସ ଅଧିକା ହେଇଗଲେ କୋଡା ଖୋସା କରନ୍ତୁ କିମ୍ଵା ଘାସ ବାଛି ଦିଅନ୍ତୁ।
- ଫୁଲ ଦେବା ସମୟରେ Urea ସାର ଟପ ଡ୍ରେସିଂ ହିସାବ ରେ ପକାନ୍ତୁ।

**ପେଶୀ :**

- କ୍ଷେତ ରୁ ଘାସ ବାଛି ଦିଅନ୍ତୁ ଏବଂ ସଫା ରଖନ୍ତୁ।
- ମାଟି ଶୁଖିଲା ଦେଖା ଗଲେ ଜଳ ସେଚନ କରନ୍ତୁ।

**ପନିପରିବା :**

- **ପୋଟଳ:**
- ପୋଟଳ ରେ ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ ସଲଫାର ପାଉଡର 0.2% ସିଂଚନ କରନ୍ତୁ।

- **ବାଇଗଣ:**
- ଫୁଲ ଆସିବା ସମୟ ରେ କିମ୍ଵା ଗଛ ଲଗେଇବା ର 15 ଦିନ ପରେ, Borax @ 35 mg ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ମାଟି ଶୁଖିଲା ଦେଖା ଗଲେ ଜଳ ସେଚନ କରନ୍ତୁ।
- ଘାସ ହେଇଥିଲେ, ବାଛିକି ସଫା କରିଦିଅନ୍ତୁ।

- **ଭେଣ୍ଡି:**
- ଭେଣ୍ଡିରେ ହଳଦିଆ ଶିରା ମୋଜାଇକ୍ ଭାଇରସ୍ (Yellow vein mosaic virus), ଧଳା ମାଛି ମାଧ୍ୟମରେ ବିସ୍ତାର କରେ, ତେଣୁ ଏହାକୁ ପରିଚାଳନା କରିବା ପାଇଁ ମିଥାଇଲ୍ ଡେମେଟନ୍ (Methyl demeton) 25 EC @ 1.6 ml କିମ୍ଵା ଥିଓମେଟୋକ୍ସାମ (Thiomethoxam) 25 WG @ 2 gm/lt ପାଣିରେ ସ୍ପ୍ରେ କରନ୍ତୁ।

- **ବନ୍ଧାକୋବି:**
- କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ।

- ବନ୍ଧାକୋବିରେ ଜଉପୋକ ର ଦମନ ପାଇଁ Dimethoate 30% EC @ 6 ml/10 lt କିମ୍ବା Malathion 50% EC @ 1.5 ml/lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଫୁଲକୋବି:**
- ଜଉପୋକ କୁ ନିୟନ୍ତ୍ରଣ ପାଇଁ ଏକର ପ୍ରତି 25 ଟି ଆଲୋକ ଜନ୍ତା ବସାନ୍ତୁ।
- ହାତରେ ସଂକ୍ରମିତ ପତ୍ରକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।
- ଦେହଳୀ ସୀମା ପାର ହୋଇଗଲେ ଏକର ପ୍ରତି Thiomethoxam 25% WG @ 80g କିମ୍ବା

  Acetamiprid 20% SP @ 30g, 200 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଲଙ୍କା:**
- ପତ୍ରମୋଡା ରୋଗ ର ନିୟନ୍ତ୍ରଣ ପାଇଁ Imidachloprid 17.8% SL @ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ପିଆଜ:**
- ପିଆଜରେ ପାତ୍ର ଦାଗ କୁ ନିୟନ୍ତ୍ରଣ କରିବା ପାଇଁ Mancozeb କିମ୍ବା Copper oxychloride @ 2 g/lt ପାଣିରେ ମିସଶୟ ସିଂଚନ କରନ୍ତୁ।

**ଫୁଲ:**

- **ଗେଣ୍ଡୁ:**
- ଘାସ ବାଛି ଗଛ ମୂଳ କୁ ସଫା ରଖନ୍ତୁ।
- 30 ଦିନ ପରେ ଗଛର ଅଗକୁ ଛିଣ୍ଡାଇ ଦିଅନ୍ତୁ। ଏହା ଦ୍ଵାରା ଗଛରେ ଶାଖା ଅଧିକା ଆସିବ।
- ମିଳି ବଗ ର ଦମନ ପାଇଁ Profenophos କିମ୍ବା Dimethoate @ 2 ml/lt ସିଂଚନ କରନ୍ତୁ।

- **ଗୋଲାପ:**
- ଗୋଲାପ ରେ ମିଳି ବଗ ର ନିୟନ୍ତ୍ରଣ ପାଇଁ Parathion @ 2 ml/lt ସିଂଚନ କରନ୍ତୁ।
- ଜଉ ପୋକ ଏବଂ ପତ୍ର ମୋଡା ପୋକ ର ଦମନ ପାଇଁ Methyl demeton 25 EC @ 2 ml/lt କିମ୍ବା Carbofuran 3G @ 5 g ପ୍ରତି ଗଛ ବ୍ୟବହାର କରନ୍ତୁ।

**ପଶୁ ପାଳନ:**

- **କୁକୁଡା ପାଳନ:**
- କୁକୁଡା ଚିଆଁ କୁ ଟୀକାକରଣ ନ କରେଇଥିଲେ, କରେଇଦିଅନ୍ତୁ।
- ଶୀତଳହରି ରୁ ରକ୍ଷା ପାଇଁ କୁକୁଡା ଘରକୁ ଚାରି ପଟରୁ ଘୋରେଇ ରଖନ୍ତୁ।

TECHNICAL OFFICER

---

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**